# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18 July – 2026

**********************************

## ମୁଖ୍ୟ ସମ୍ବାଦ

- ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଜି ଅନୁଷ୍ଠିତ ହେଉଛି ଆଡ଼ପମଣ୍ଡପ ବିଜେ ନୀତି; ଆସନ୍ତାକାଲିଠାରୁ ଜନ୍ମବେଦୀରେ ଶ୍ରଦ୍ଧାଳୁଙ୍କୁ ଦେବେ ଦର୍ଶନ
- ଶ୍ରୀହରିକୋଟାରୁ ଘରୋଇଭାବେ ବିକଶିତ ଦେଶର ପ୍ରଥମ ମହାକାଶ ପ୍ରକ୍ଷେପଣଯାନ ବିକ୍ରମ-୧ର ସଫଳ ପରୀକ୍ଷଣ

– ଏହି ସଫଳତା ଯୁବବର୍ଗଙ୍କୁ ପ୍ରୋତ୍ସାହନ ଯୋଗାଇବ; ଶୁଭେଚ୍ଛାରେ କହିଲେ ପ୍ରଧାନମନ୍ତ୍ରୀ

- ସ୍ନାତକ ନାମ ଲେଖାଇବା ପାଇଁ ଆସନ୍ତା ସୋମବାର ପ୍ରକାଶ ପାଇବ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିଛି ବର୍ଷା

– ପୁରୀ ଜିଲ୍ଲା ସତ୍ୟବାଦୀରେ ସର୍ବାଧିକ ୧୦୫ ମିଲିମିଟର ବର୍ଷା ରେକର୍ଡ

# ଆଡ଼ପ ମଣ୍ଡପ ବିଜେ ନୀତି

ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଜି ଆଡ଼ପ ମଣ୍ଡପ ବିଜେ ନୀତି ଅନୁଷ୍ଠିତ ହେଉଛି। ସନ୍ଧ୍ୟାରେ ଶ୍ରୀଜୀଉମାନେ ଆଡ଼ପମଣ୍ଡପକୁ ବିଜେ କରିବେ। ରଥ ଉପରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ନୀତି ଶେଷ ହେବା ପରେ ପହଣ୍ଡି ବିଜେ ଆରମ୍ଭ ହେବ । ମଙ୍ଗଳ ଆଳତୀ ସମ୍ପୂର୍ଣ୍ଣ ହେବା ପରେ ମଇଲମ, ତଡ଼ପଲାଗି, ଅବକାଶ, ଗୋପାଳବଲ୍ଲଭ, ସକାଳଧୂପ ଓ ମଧ୍ୟାହ୍ନ ଧୂପ ନୀତି ଶେଷ କରାଯିବ । ଅପରାହ୍ଣରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ଓ ଆଳତୀ ପରେ ରଥରେ ଚାରମାଳ ବନ୍ଧାଯିବ । ବନ୍ଦାପନା କରାଯିବା ପରେ ଗୋଟି ପହଣ୍ଡି ଅନୁଷ୍ଠିତ ହେବ । ଆଡ଼ପ ବିଜେ ଶେଷ ହେବା ପରେ ଆସନ୍ତାକାଲିଠାରୁ ଜନ୍ମବେଦୀରେ ଶ୍ରଦ୍ଧାଳୁ ଶ୍ରୀଜୀଉମାନଙ୍କୁ ଦର୍ଶନ କରିବେ। ପରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଡ଼ପ ଅଭଡ଼ା ଉପଲବ୍ଧ ହେବ। ଶ୍ରୀଜୀଉମାନଙ୍କୁ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁ ପୁରୀ ଗସ୍ତ କରୁଛନ୍ତି। ସୁରକ୍ଷିତ ଓ ଶୃଙ୍ଖଳିତ ଦର୍ଶନ ସରକାରଙ୍କ ପ୍ରାଥମିକତା ବୋଲି ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଟ୍ରାଫିକକୁ ନିୟନ୍ତ୍ରିତ ଢଙ୍ଗରେ ଛଡ଼ାଯାଉଛି। ବିଭିନ୍ନ ସ୍ଥାନରେ ଡାଇଭର୍ସନ୍ ସୃଷ୍ଟି କରାଯାଇ ଭିଡ଼କୁ ନିୟନ୍ତ୍ରଣ କରାଯାଉଛି। ପୁଲିସ ବିଭାଗ ପକ୍ଷରୁ ଦିଆଯାଉଥିବା ପରାମର୍ଶକୁ ଅନୁସରଣ କରିବା ପାଇଁ ଶ୍ରୀ ପ୍ରିୟଦର୍ଶୀ ଶ୍ରଦ୍ଧାଳୁଙ୍କୁ ନିବେଦନ କରିଛନ୍ତି।

Desk

## ଏଏସ୍ଆଇ ବୈଠକ

ପୁରୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏ.ଏସ୍.ଆଇ.ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ି ବୈଠକରେ ଅଧ୍ୟକ୍ଷତା କରି ଗର୍ଭଗୃହ, ନାଟମଣ୍ଡପ ଓ ଭୋଗମଣ୍ଡପର ମରାମତି କାର୍ଯ୍ୟ ନେଇ ବିସ୍ତୃତ ଆଲୋଚନା କରିଥିଲେ।

Desk

# ବିକ୍ରମ ୱାନ୍-ପିଏମ୍

ଘରୋଇ ଭାବେ ବିକଶିତ ଭାରତର ପ୍ରଥମ ମହାକାଶ ପ୍ରକ୍ଷେପଣ ଯାନ 'ବିକ୍ରମ ୱାନ୍' ସଫଳତାର ସହ କକ୍ଷପଥରେ ଅବସ୍ଥାପିତ ହୋଇଛି । ମିଶନ ଆଗମନ ଅଧୀନରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶଧାୱନ ମହାକାଶ କେନ୍ଦ୍ରରୁ ଅପରାହ୍ନ ୧୨ଟା ୫ ମିନିଟ୍‌ରେ ଏହାର ଉତ୍କ୍ଷେପଣ କରାଯାଇଥିଲା । ଏହି ସଫଳତା ସହ ନିଜସ୍ୱ କକ୍ଷପଥ ପ୍ରକ୍ଷେପଣ କ୍ଷମତା ହାସଲ କରିବାରେ ଭାରତ ବିଶ୍ୱର ତୃତୀୟ ରାଷ୍ଟ୍ର ହୋଇଛି । ଏହି ମହାକାଶଯାନକୁ ହାଇଦ୍ରାବାଦ ଭିତ୍ତିକ ଏରୋସ୍ପେଶ୍ ଷ୍ଟାର୍ଟଅପ୍ ସ୍କାଇରୁଟ୍ ଦ୍ୱାରା ପ୍ରସ୍ତୁତ କରାଯାଇଛି । ଭାରତୀୟ ମହାକାଶ କାର୍ଯ୍ୟକ୍ରମର ଜନକ ଡକ୍ଟର ବିକ୍ରମ ସରାଭାଇଙ୍କ ନାମରେ ନାମିତ ଏହି ବିକ୍ରମ-ୱାନ୍ ମହାକାଶ ଯାନ ପୃଥିବୀର ନିମ୍ନ କକ୍ଷ ମଣ୍ଡଳରେ ଅବସ୍ଥାପିତ ହେବାରେ ସକ୍ଷମ ହୋଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସଫଳତା ପାଇଁ ସ୍କାଇରୁଟ୍ ଏରୋସ୍ପେସ୍ ସଂସ୍ଥାକୁ ଶୁଭେଚ୍ଛା ଜଣାଇଛନ୍ତି । ଏଥିସହ ଜଡ଼ିତ କର୍ମକର୍ତ୍ତାଙ୍କ ସହ ଶ୍ରୀ ମୋଦୀ ଟେଲିଫୋନ୍ ମାଧ୍ୟମରେ ଆଲୋଚନା କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଏହି ସଫଳତା ଯୁବବର୍ଗଙ୍କୁ ପ୍ରୋତ୍ସାହନ ଏବଂ ନବସୃଜନ କ୍ଷେତ୍ରରେ ପ୍ରେରଣା ଯୋଗାଇବ ।

Desk

## ଏମ୍ସ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱରସ୍ଥିତ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସ୍‌ର ଷଷ୍ଠ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ଅନୁପ୍ରିୟା ପଟେଲ ମୁଖ୍ୟଅତିଥି ଭାବରେ ଯୋଗଦେଇ, ୬୮୪ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିଛନ୍ତି । ଶ୍ରେଷ୍ଠ ଶିକ୍ଷାଗତ ପ୍ରଦର୍ଶନ ପାଇଁ ୩୨ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୬୧ଟି ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି । ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାସ କହିଛନ୍ତି, ଉନ୍ନତ ରୋଗୀ ସେବା ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରି ସମ୍ପ୍ରତି ଶିଶୁ ଶଲ୍ୟ ଚିକିତ୍ସା ବିଭାଗ ଅଧୀନରେ ଏକ ଉତ୍ସର୍ଗୀକୃତ ନବଜାତ ଶଲ୍ୟ ଚିକିତ୍ସା ୟୁନିଟ୍-ଆଇସିୟୁ ପ୍ରତିଷ୍ଠା କରାଯିବ । କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗ ଦେଇଥିଲେ । ଏହି ଅବସରରେ ଏମ୍ସ ଭୁବନେଶ୍ୱର ପରିସରରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ

ରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

Desk

## ସ୍ନାତକ ନାମଲେଖା

ରାଜ୍ୟରେ ଥିବା ସ୍ନାତକ ମହାବିଦ୍ୟାଳୟଗୁଡ଼ିକରେ ନାମଲେଖା ଲାଗି ଆସନ୍ତା ସୋମବାର ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମୋଟ୍ ୧ ହଜାର ୫୫ଟି ସ୍ନାତକ ମହାବିଦ୍ୟାଳୟରେ କଳା, ବିଜ୍ଞାନ, ବାଣିଜ୍ୟ, ସେଲ୍ଫ ଫାଇନାନସିଂ ଏବଂ ସଂସ୍କୃତ ପାଠ୍ୟକ୍ରମରେ ୨ ଲକ୍ଷ ୮୭ ହଜାର ୫୧୯ଟି ଆସନ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୮୪ ହଜାର ୩୮୪ଟି ଆସନରେ ନାମଲେଖା ଶେଷ ହୋଇଛି। ଉଚ୍ଚଶିକ୍ଷା ବିଭାଗ ପରିଚାଳିତ ସାମ୍ସ ପୋର୍ଟାଲରୁ ମିଳିଥିବା ତଥ୍ୟ ଅନୁଯାୟୀ, ସ୍ନାତକ କଳା ଶ୍ରେଣୀରେ ୧ ଲକ୍ଷ ୬ ହଜାର ୮୮୦ଟି ଆସନ ଫାଙ୍କା ରହିଥିବାବେଳେ ବିଜ୍ଞାନ ଶ୍ରେଣୀରେ ୬୦ ହଜାର ୮୨୮, ବାଣିଜ୍ୟରେ ୨୪ ହଜାର ୨୮୮, ସେଲ୍ଫ ଫାଇନାନସିଂରେ ୪ହଜାର ୧୭୨ ଏବଂ ସଂସ୍କୃତ ପାଠ୍ୟକ୍ରମରେ ୬ ହଜାର ୭୫୭ଟି ଆସନରେ ନାମଲେଖା ହେବ। ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବା ପରେ ଆସନ୍ତା ୨୧ରୁ ୨୩ ତାରିଖ ମଧ୍ୟରେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନକୁ ଯାଇ ନାମଲେଖାଇ ପାରିବେ। ଚଳିତ ମାସ ୨୯ ତାରିଖରେ ତୃତୀୟ ତଥା ଚୂଡ଼ାନ୍ତ ମେଧାତାଲିକା ପ୍ରକାଶ ପାଇବ। ଚଳିତ ମାସ ୨୭ ତାରିଖରୁ ସ୍ନାତକ ଶ୍ରେଣୀରେ ପାଠପଢ଼ା ଆରମ୍ଭ ହେବା ସହ ଉଚ୍ଚ ମାଧ୍ୟମିକ ଶିକ୍ଷା

ପରିଷଦ ଦ୍ୱାରା ଆୟୋଜିତ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଫଳ ପ୍ରକାଶନ ପରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଲାଗି ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡ଼ିଛି ।

Desk

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀ

ରାଜ୍ୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ନିମନ୍ତେ କାର୍ଯ୍ୟ କରୁଥିବା ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକର ପରିଚାଳନା ବ୍ୟବସ୍ଥା ସୁସଂହତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକର ସର୍ଭେ କରିବା ଲାଗି ସରକାର ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଏ ନେଇ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଭାସ୍କର ରଇତ ସମସ୍ତ ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି ।  ବିଭାଗୀୟ ଅନୁମତି କିମ୍ବା ସ୍ୱୀକୃତି ନ ଥାଇ ଯଦି କୌଣସି ସ୍ୱତନ୍ତ୍ର ବିଦ୍ୟାଳୟ ପରିଚାଳିତ ହେଉଥିବ, ସେଗୁଡ଼ିକୁ ଚିହ୍ନଟ କରାଯିବା ପରେ ପଦକ୍ଷେପ ଗ୍ରହଣ କରାଯିବ । ସୂଚନା ଅନୁଯାୟୀ, ସମ୍ପୃକ୍ତ ବିଦ୍ୟାଳୟ କିମ୍ବା ବିଦ୍ୟାଳୟ ପରିଚାଳନା କରୁଥିବା ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକୁ ସରକାରୀ ନିର୍ଦ୍ଦେଶାବଳୀ ଓ ଦିବ୍ୟାଙ୍ଗ ଅଧିକାର ଆଇନ–୨୦୧୬ ଅନୁଯାୟୀ, ଅନୁମତି ଓ ସ୍ୱୀକୃତି ଲାଗି ଆବେଦନ କରିବାକୁ କୁହାଯିବ । ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀମାନେ ଜିଲ୍ଲାରେ ଥିବା ସ୍ୱତନ୍ତ୍ର ବିଦ୍ୟାଳୟର

ନାମ, ଠିକଣା, ପରିଚାଳନାକାରୀ ସ୍ୱେଚ୍ଛାସେବୀ ସଂସ୍ଥା ଓ ଅନୁମତି ଏବଂ ସ୍ୱୀକୃତି ସମ୍ପର୍କିତ ରିପୋର୍ଟ ଦାଖଲ କରିବେ।

ରାଜ୍ୟରେ ୩୫ ପ୍ରତିଶତ ସ୍ୱତନ୍ତ୍ର ବିଦ୍ୟାଳୟ କୌଣସି ପଞ୍ଜୀକରଣ ନ ଥାଇ ପରିଚାଳିତ ହେଉଥିବା ଗତ ବର୍ଷ ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ– ସି.ଏ.ଜି. ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ। ଏବେ ରାଜ୍ୟରେ ୧୦୮ଟି ସ୍ୱତନ୍ତ୍ର ବିଦ୍ୟାଳୟ ରହିଥିବା ବେଳେ ସମସ୍ତଙ୍କ ପାଇଁ ପଞ୍ଜୀକରଣ ଏବଂ ଆବଶ୍ୟକୀୟ ନିୟମାବଳୀ ପାଳନ ବାଧ୍ୟତାମୂଳକ କରାଯାଇଛି।

Desk

# କ୍ୟାଚ୍ ଦ ରେନ୍

କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଅମୃତ ୨.୦ ଯୋଜନା ଅଧୀନରେ ସହରାଞ୍ଚଳରେ ବର୍ଷା ଜଳ ସଂରକ୍ଷଣ, ଭୂତଳ ଜଳ ପୁର୍ନଭରଣ, ଜଳାଶୟ ପୁନରୁଦ୍ଧାର ଏବଂ ସ୍ଥାୟୀ ଜଳ ପରିଚାଳନା କ୍ଷେତ୍ରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଜଳସୁରକ୍ଷା ସୁନିଶ୍ଚିତ କରିବା ଏବଂ ଜଳବାୟୁ ପରିବର୍ତ୍ତନ ପରିସ୍ଥିତିର ମୁକାବିଲା କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଅଭିଯାନ ଅଧୀନରେ ଦେଶର ୨୭ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରେ ପ୍ରାୟ ୯୦୦ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସକ୍ରିୟ ଭାବେ ସାମିଲ ହୋଇଛନ୍ତି। ବର୍ଷା ଜଳ ସଂରକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧିକୁ ପ୍ରୋତ୍ସାହନ ଦେବା ଦିଗରେ ଏଥିରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଜଳାଶୟ ପୁନରୁଦ୍ଧାର କାର୍ଯ୍ୟକ୍ରମ ଅଧୀନରେ ପ୍ରାୟ ୧ ଲକ୍ଷ

୨୧ ହଜାର ଏକର ଅଂଚଳ ଜଳାଶୟଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଏଥିସହିତ ଦେଶବ୍ୟାପୀ ୧୮ ହଜାର ଏକରରୁ ଊର୍ଦ୍ଧ୍ୱ ଅଂଚଳରେ ସବୁଜ ବଳୟ ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏହି ପ୍ରକଳ୍ପଗୁଡ଼ିକ ସହରାଞ୍ଚଳରେ ଉତ୍ତାପ ହ୍ରାସ ଏବଂ ନାଗରିକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାରେ ସହାୟକ ହେବ। ଭବିଷ୍ୟତ ପିଢିଙ୍କ ପାଇଁ ଜଳସୁରକ୍ଷା ନିଶ୍ଚିତ କରିବା, କ୍ୟାଚ ଦ ରେନ୍’ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

Malkangiri

## ବାଲ୍ୟ ବିବାହ

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବାଲ୍ୟବିବାହ ନିଷେଧ ସମ୍ପର୍କିତ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟାନ୍ୱୟନ ତାଲିମ କାର୍ଯ୍ୟକ୍ରମ ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଯୋଗଦେଇ କହିଛନ୍ତି, ବାଲ୍ୟବିବାହ ଆଇନଗତ ଅପରାଧ ସହିତ ଏହା ଶିଶୁ ସୁରକ୍ଷା, ମାନବିକ ଅଧିକାର ଓ ସମାଜର ପ୍ରଗତିପଥରେ ଏକ ବଡ଼ ପ୍ରତିବନ୍ଧକ। ଜିଲ୍ଲାକୁ ଏକ ପ୍ରଗତିଶୀଳ ଓ ବାଲ୍ୟବିବାହ ମୁକ୍ତ କରିବା ପ୍ରଶାସନର ପ୍ରାଥମିକ ସଂକଳ୍ପ। କିଶୋରୀ ସ୍ୱାସ୍ଥ୍ୟ, ଶିକ୍ଷା ଓ ଅଧିକାରକୁ ସୁରକ୍ଷିତ କରିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଶିଶୁ କନ୍ୟାମାନଙ୍କୁ ସୁରକ୍ଷା ଦେବା ପାଇଁ ସମସ୍ତଙ୍କୁ ଏକତ୍ର ଭାବେ କାର୍ଯ୍ୟ କରିବାକୁ ହେବ ବୋଲି ଜିଲ୍ଲାପାଳ କହିଛନ୍ତି। ଆଗାମୀ ଦିନରେ ତୃଣମୂଳସ୍ତରରେ ସଚେତନତାକୁ ଅଧିକ ବ୍ୟାପକ କରାଯିବ।

କାର୍ଯ୍ୟକ୍ରମରେ ବାଲ୍ୟବିବାହ ରୋକିବା ପାଇଁ ଏକ ଦୀର୍ଘକାଳୀନ ଜିଲ୍ଲାସ୍ତରୀୟ କାର୍ଯ୍ୟାନ୍ୱୟନ ଖସଡ଼ା– ୨୦୨୬-୨୯ ପୁସ୍ତିକାକୁ ଉନ୍ମୋଚନ କରାଯାଇଥିଲା ।

Nayagada

## ପ୍ରକଳ୍ପର ଲୋକାର୍ପଣ

ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍.ଏ.ସି. ଅଞ୍ଚଳରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଭିନ୍ନ ବିକାଶମୂଳକ ଭିତ୍ତିଭୂମି ପ୍ରକଳ୍ପକୁ ସାଂସଦ ଡକ୍ଟର ସମ୍ବିତ ପାତ୍ର ଲୋକାର୍ପଣ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଅଞ୍ଚଳର ସାମଗ୍ରୀକ ବିକାଶକୁ ତ୍ୱରାନ୍ୱିତ କରିବା ସହ ସ୍ଥାନୀୟ ଲୋକଙ୍କ ଜୀବନଧାରଣ ମାନକୁ ଅଧିକ ସହଜ, ସୁବିଧାଜନକ ଓ ସମୃଦ୍ଧ କରିବ ବୋଲି ସେ କହିଛନ୍ତି। ଏହି ଅବସରରେ ଶ୍ରୀ ପାତ୍ର’ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଗରିବ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ।

Desk

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୬ଟି ଜିଲ୍ଲାରେ ପ୍ରବଳ ବର୍ଷା ନେଇ

ସତର୍କ ସୂଚନା ଜାରି କରାଯାଇଛି । ଏ ସମ୍ପର୍କରେ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି...

**- V/O -**

ଗତ ୨୪ ଘଣ୍ଟା ମଧ୍ୟରେ ପୁରୀ ଜିଲ୍ଲା ସତ୍ୟବାଦୀରେ ସର୍ବାଧିକ ୧୦୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଲଗାଣ ବର୍ଷା ଯୋଗୁଁ ସାପୁଆ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ତୁରନ୍ତ ଘାଇରେ ବାଲିବସ୍ତା ପକାଇ ମରାମତି କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

ଅନ୍ୟପକ୍ଷେ ଆଠଗଡ଼ର ବିଭିନ୍ନ ବନ୍ୟାଞ୍ଚଳକୁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଗସ୍ତ କରି ସାମ୍ପ୍ରତିକ ପରିସ୍ଥିତି ଉପରେ ଅବଗତ ହୋଇଛନ୍ତି। ତୁରନ୍ତ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ଶ୍ରୀ ସିନ୍ଦେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।